# NATIONAL NEWS BULLETIN (ODIA)

## 15 July - 2026

## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ଦେଶରେ ସେମିକଣ୍ଡକ୍ଟର କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ 'ସେମିକନ୍-୨.୦'କୁ କ୍ୟାବିନେଟ୍‌ର ଅନୁମୋଦନ

– ଖର୍ଚ୍ଚ ହେବ ୧ ଲକ୍ଷ ୨୭ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା

- ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟିକ ଚୁକ୍ତିର ପ୍ରଥମ ଦିନରେ ଯୁକ୍ତରାଜ୍ୟ- ୟୁକେକୁ ରପ୍ତାନୀ ହେଲା ୧୪୦ ନିୟୁତ ଡଲାର ମୂଲ୍ୟର ସାମଗ୍ରୀ

- ଇରାନ୍ ଉପରେ ଆମେରିକା ପକ୍ଷରୁ ନୌସେନା ଅବରୋଧ ପରେ ଉଭୟ ଦେଶ ମଧ୍ୟରେ ଜାରି ରହିଛି ଆକ୍ରମଣ-ପ୍ରତିଆକ୍ରମଣ

ଏବଂ

- ଫିଫା ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲରେ ଆଜି ପରସ୍ପରକୁ ଭେଟିବେ ଆର୍ଜେଣ୍ଟିନା ଏବଂ ଇଂଲଣ୍ଡ

# କ୍ୟାବିନେଟ୍

କେନ୍ଦ୍ର କ୍ୟାବିନେଟ୍ ଆଜି ଉତ୍ତର ପ୍ରଦେଶରେ ୧୯ ନମ୍ବର ଜାତୀୟ ରାଜପଥ ଏବଂ ବାରଣାସୀ ରିଙ୍ଗ ରୋଡ୍ ମଧ୍ୟରେ ୪୬ କିଲୋମିଟରରୁ ଊର୍ଦ୍ଧ୍ୱ ୬ ଲେନ୍ ବିଶିଷ୍ଟ ଗ୍ରୀନ୍‌ଫିଲ୍ଡ ଏଲିଭେଟେଡ୍ କରିଡରକୁ ମଞ୍ଜୁରୀ ଦେଇଛନ୍ତି। ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ପ୍ରକଳ୍ପ ପାଇଁ ମୋଟ ୧୪ ହଜାର ୪୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ। ଏହା ଜାତୀୟ ରାଜପଥ ୧୯ ଏବଂ ବାରଣାସୀ ରିଙ୍ଗ ରୋଡ୍ ମଧ୍ୟରେ ସିଧାସଳଖ ସଂଯୋଗ ସ୍ଥାପନ କରିବ। ଯାହାଦ୍ୱାରା ସହରରେ ଭିଡ଼ କମିବା ସହ ଯାତାୟାତରେ ସୁଧାର ଆସିବ। ସେହି ଅଞ୍ଚଳରେ ହାରାହାରି ଯାତ୍ରା ସମୟ ପ୍ରାୟ ୬୦ ମିନିଟ୍‌ରୁ କମି ୨୦ ମିନିଟ ହୋଇଯିବାର ଆଶା କରାଯାଉଛି। ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ପ୍ରକଳ୍ପ ପ୍ରମୁଖ ଧାର୍ମିକ, ଶିକ୍ଷାଗତ ଏବଂ ସାଂସ୍କୃତିକ ସ୍ଥଳଗୁଡ଼ିକୁ ଯିବା ଆସିବା ସହଜ କରିବ। ବାରଣାସୀ ସହରର ଭିଡ଼ କମାଇବା ପାଇଁ ଉତ୍ତରପ୍ରଦେଶରେ ବରୁଣା ନଦୀ କୂଳେ କୂଳେ ଜାତୀୟ ରାଜପଥ ୩୧ ଏବଂ ବାରଣାସୀ ରିଙ୍ଗ ରୋଡ୍‌କୁ ସଂଯୋଗ କରୁଥିବା ୪୩ କିଲୋମିଟରରୁ ଊର୍ଦ୍ଧ୍ୱ ୬ ଏବଂ ୪ ଲେନ୍ ବିଶିଷ୍ଟ ଏଲିଭେଟେଡ୍ କରିଡରର ବିକାଶକୁ ମଧ୍ୟ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ମୋଟ୍ ୧୦

ହଜାର ୯୮୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏହି ପ୍ରକଳ୍ପ ଜାତୀୟ ରାଜପଥ ୩୧ ଏବଂ କାଶୀ ରେଳଷ୍ଟେସନ୍ ମଧ୍ୟରେ ଯାତ୍ରା ସମୟକୁ ପ୍ରାୟ ୪୦ ମିନିଟ୍‌ରୁ ୨୦ ମିନିଟ୍‌କୁ ହ୍ରାସ କରିବ।

ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତର ସେମିକଣ୍ଡକ୍ଟର ଡିଜାଇନ୍ ଏବଂ ବିନିର୍ମାଣ ପରିସଂସ୍ଥାକୁ ସୁଦୃଢ଼ କରିବା ପାଇଁ କ୍ୟାବିନେଟ୍ ୧ ଲକ୍ଷ ୨୭ ହଜାର ୫୦୦ କୋଟି ଟଙ୍କାର ବ୍ୟୟବରାଦ ସହ 'ସେମିକନ୍–୨.୦'କୁ ଅନୁମୋଦନ କରିଛନ୍ତି। ସେ କହିଛନ୍ତି, 'ସେମିକନ୍-୧.୦'ର ସଫଳତାକୁ ଭିତ୍ତି କରି ଭାରତକୁ ବିଶ୍ୱ ସେମିକଣ୍ଡକ୍ଟର ମାନଚିତ୍ରରେ ସ୍ଥାପିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଏହି ଯୋଜନା ଆହୁରି ଆଗକୁ ନେବାର ଲକ୍ଷ୍ୟ ରଖିଛି।

କେନ୍ଦ୍ର କ୍ୟାବିନେଟ୍ ୬୨ ହଜାର ୫୦୦ କୋଟି ଟଙ୍କାର ବ୍ୟୟବରାଦ ସହ ମୋବାଇଲ୍ ଫୋନ୍ ବିନିର୍ମାଣ ଯୋଜନାକୁ ମଧ୍ୟ ଅନୁମୋଦନ କରିଛି। ଏହି ଯୋଜନା ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଦେଶରେ ମୋବାଇଲ ଉତ୍ପାଦନ ପାଇଁ ଏହି ଯୋଜନା ଅଧୀନରେ ୨ ଦଶମିକ ୨/୫ ପ୍ରତିଶତରୁ ୫ ପ୍ରତିଶତ ପର୍ଯ୍ୟନ୍ତ ପ୍ରୋତ୍ସାହନ ପ୍ରଦାନ କରାଯିବ। ଯୋଜନା ଅବଧି ମଧ୍ୟରେ ପ୍ରାୟ ୩୯ ଲକ୍ଷ କୋଟି ଟଙ୍କାର ମୋବାଇଲ ଫୋନ୍ ଉତ୍ପାଦନ କରାଯିବାର ଆଶା କରାଯାଉଛି। ଏହାଦ୍ୱାରା

ପ୍ରାୟ ୬୦ ହଜାର ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

**VO- ASHWINI-Mobile**

ଏତଦ୍‌ବ୍ୟତୀତ କେନ୍ଦ୍ର କ୍ୟାବିନେଟ୍ ଓଡ଼ିଶା ଏବଂ ଝାଡ଼ଖଣ୍ଡର ୪ଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରୁଥିବା ଦୁଇଟି ବହୁମୁଖୀ ରେଳ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଯାହା ରେଳ ନେଟୱର୍କକୁ ୧୪୫ କିଲୋମିଟର ସମ୍ପ୍ରସାରିତ କରିବ। ଏହି ପ୍ରକଳ୍ପ ଅଧୀନରେ ଓଡ଼ିଶାର ପାରଦ୍ୱୀପ–ହରିଦାସପୁର ରେଳଲାଇନ୍‌ର ଦୋହରୀକରଣ ଏବଂ ଝାଡ଼ଖଣ୍ଡର ରାଜଖରସୁଆଁ– ଡାଙ୍ଗୁଆପୋଷି ଚତୁର୍ଥ ରେଳଲାଇନ୍‌ର ନିର୍ମାଣ କାର୍ଯ୍ୟ କରାଯିବ। ପ୍ରାୟ ୩ ହଜାର ୯୦୭ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପଗୁଡ଼ିକ ୨୦୩୦-୩୧ ଆର୍ଥିକ ବର୍ଷ ସୁଦ୍ଧା ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ଇଣ୍ଡିଆ– ୟୁକେ ଏଫ୍‌ଟିଏ ରିଆକ୍ସନ୍

ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟିକ ଚୁକ୍ତିର ପ୍ରଥମ ଦିନରେ ଭାରତର ବିଭିନ୍ନ ପ୍ରାନ୍ତରୁ ଯୁକ୍ତ ରାଜ୍ୟ– ୟୁକେ'କୁ ୧୪୦ ନିୟୁତ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନୀ କରାଯାଇଛି। ଆଜି ନୂଆଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟର ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି, ଏହି ଚୁକ୍ତି ସମ୍ପୂର୍ଣ୍ଣ ଭାବେ ୨୦୪୭ ସୁଦ୍ଧା

ବିକଶିତ ଭାରତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସହ ଜଡ଼ିତ। ସେ କହିଛନ୍ତି, ଏହା ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ଚୁକ୍ତିଗୁଡ଼ିକ ମଧ୍ୟରୁ ସବୁଠାରୁ ବଡ଼। ଯାହା ଉଭୟ ଦେଶ ପାଇଁ ବଜାର ସୁଯୋଗ ଉନ୍ମୁକ୍ତ କରିବ। ଶ୍ରୀ ଅଗ୍ରୱାଲ କହିଛନ୍ତି, ଏହା ଦେଶର ସାମଗ୍ରୀ ବାଣିଜ୍ୟକୁ ବଢ଼ାଇବା ସହିତ ଆଗାମୀ ଦିନରେ ସେବା କ୍ଷେତ୍ରକୁ ମଧ୍ୟ ଉତ୍ସାହିତ କରିବ।

ଆକାଶବାଣୀ ସମ୍ବାଦ ପକ୍ଷରୁ ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟିକ ଚୁକ୍ତି ନେଇ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କର ପ୍ରତିକ୍ରିୟା ହସ୍ତଗତ ହୋଇଛି।

ଭାରତରେ ଅବସ୍ଥାପିତ ୟୁକେ ହାଇକମିଶନର ଲିଣ୍ଡି କ୍ୟାମେରନ୍ ଆକାଶବାଣୀ ସହ କଥାବାର୍ତ୍ତା ବେଳେ କହିଛନ୍ତି, ଏହି ଚୁକ୍ତି ଉଭୟ ପକ୍ଷ ପାଇଁ ଏକ ବଡ଼ ସଫଳତା।

କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନୀ ବିକାଶ ପ୍ରାଧିକରଣର ତରୁଣ ବଜାଜ କହିଛନ୍ତି, ଏହି ଚୁକ୍ତି କୃଷି ଏବଂ ପ୍ରକ୍ରିୟାକରଣ କ୍ଷେତ୍ର ପାଇଁ ଲାଭଦାୟକ ହେବ।

ଜେମ୍ସ ଆଣ୍ଡ ଜୁଏଲାରୀ ଏକ୍ସପୋର୍ଟ ପ୍ରମୋସନ୍ କାଉନସିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସବ୍ୟସାଚୀ ରାୟ କହିଛନ୍ତି, ଏହି ଚୁକ୍ତି ଦ୍ୱାରା ରତ୍ନ ଏବଂ ଅଳଙ୍କାର କ୍ଷେତ୍ର ଉପକୃତ ହେବ।

ଆପାରେଲ ଏକ୍ସପୋର୍ଟ ପ୍ରମୋସନ କାଉନସିଲର ଅଧ୍ୟକ୍ଷ ଡକ୍ଟର ଏ.ସାକ୍ତିଭେଲ୍ କହିଛନ୍ତି, ଏହି ଚୁକ୍ତି ଯୋଗୁଁ ଆଗାମୀ ଦେଢ଼ ବର୍ଷ ମଧ୍ୟରେ ରପ୍ତାନୀ ଦ୍ୱିଗୁଣିତ ହେବ।

## ୟୁଏସ୍-ଇରାନ୍ ଆଟାକସ

ହର୍ମୁଜ ପ୍ରଣାଳୀ ଦେଇ ଚଳାଚଳ କରୁଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ ତେହରାନ ପକ୍ଷରୁ ହୋଇଥିବା ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଆମେରିକା ଆଜି ଇରାନ ଉପରେ ପୁଣି ବିମାନ ଆକ୍ରମଣ କରିଛି। ଏଥିସହ ଇରାନ ଉପରେ ନୌସେନା ଅବରୋଧ ଲଗାଇଛି। ଆମେରିକାର ଏହି ଆକ୍ରମଣ ଇରାନ ସେନାର ଏକ ବ୍ୟାରେକ ଉପରେ ହୋଇଥିବାର ଇରାନ୍ କହିଛି। ଯେଉଁଥିରେ ୭ ଜଣ ସୈନିକ ପ୍ରାଣ ହରାଇଛନ୍ତି ଏବଂ ସାରା ଦେଶରେ ୨୬୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଇରାନ ସରକାରଙ୍କ ମୁଖପାତ୍ର ଫାତେମା ମୋହାଜେରାନି କହିଛନ୍ତି, ଗତ କିଛିଦିନ ମଧ୍ୟରେ ୩୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି। ଅବରୋଧ ପରେ ଉଭୟେ ଆମେରିକା ଏବଂ ଇରାନ ପରସ୍ପର ଉପରେ ଆକ୍ରମଣ ଜାରି ରଖିଛନ୍ତି। ପଶ୍ଚିମ ଏସିଆରେ ଆମେରିକା ଏବଂ ଇରାନ ମଧ୍ୟରେ

ଆକ୍ରମଣ–ପ୍ରତିଆକ୍ରମଣ ଯୋଗୁଁ ବିଶ୍ୱର ଶକ୍ତି ଯୋଗାଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ଜଳପଥ ପ୍ରତି ସୃଷ୍ଟି ହୋଇଥିବା ବିପଦ ଦୁଇ ଦେଶ ମଧ୍ୟରେ ପୂର୍ବରୁ ସ୍ୱାକ୍ଷରିତ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ଚୁକ୍ତିକୁ ସମ୍ପୂର୍ଣ୍ଣ ପ୍ରଭାବହୀନ କରିଦେଇଛି। ଏହି ଅବିରୋଧ ଯୋଗୁଁ ସେମାନେ ପଶ୍ଚିମ ଏସିଆରୁ ହେଉଥିବା ତୈଳ ଏବଂ ଗ୍ୟାସ ରପ୍ତାନୀକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବେ ବୋଲି ଇରାନ୍‌ର ରିଭୋଲ୍ୟୁସନାରୀ ଗାର୍ଡ ଚେତାବନୀ ଦେଇ କହିଛି।

## ଜୟଶଙ୍କର– ବେଲଜିୟମ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି ବେଲଜିୟମ୍‌ର ବ୍ରସେଲ୍ସଠାରେ ଷ୍ଟାର୍ଟ-ଅପ୍ ଗବେଷଣା ଏବଂ ନବସୃଜନ ପାଇଁ ୟୁରୋପୀୟ ସଂଘର କମିଶନର ଏକାଟେରିନା ଜାହାରିଭାଙ୍କୁ ଭେଟିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ଏହି ବୈଠକରେ ସେମାନେ ସ୍ୱଚ୍ଛ ଏବଂ ସବୁଜ ଶକ୍ତି ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଗବେଷଣାର ସୁଯୋଗ ଗୁଡ଼ିକ ଉପରେ ଆଲୋଚନା କରିଛନ୍ତି। ଏତଦ୍‌ବ୍ୟତୀତ ନବସୃଜନ ହବ୍, ଷ୍ଟାର୍ଟ-ଅପ୍ ଏବଂ ହୋରାଇଜନ୍ ୟୁରୋପ ସହ ଯୋଡ଼ି ହେବା ସମ୍ପର୍କରେ ମଧ୍ୟ ମତବିନିମୟ ହୋଇଛି।

ଦୁଇଦିନିଆ ବେଲଜିୟମ ଗସ୍ତ ସମୟରେ ଡକ୍ଟର ଜୟଶଙ୍କର ବ୍ରସେଲସ୍‌ଠାରେ ବେଲଜିୟମ୍‌ର ଉପପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ

ମାକ୍ସିମ୍ ପ୍ରେଭୋଟ୍‌ଙ୍କ ସହ ମିଳିତ ଭାବେ ଭାରତ–ବେଲଜିୟମ ରଣନୈତିକ ଆଲୋଚନାରେ ସହ-ଅଧ୍ୟକ୍ଷତା କରିଛନ୍ତି। ବୈଠକରେ ରାଜନୈତିକ, ଅର୍ଥନୈତିକ, ପୁଞ୍ଜିନିବେଶ, ସ୍ୱଚ୍ଛଶକ୍ତି, ପ୍ରତିରକ୍ଷା, ମୋବିଲିଟି ଏବଂ ଫାର୍ମାସ୍ୟୁଟିକାଲ କ୍ଷେତ୍ରରେ ସହଯୋଗର ସମୀକ୍ଷା ହୋଇଥିଲା। ଏଥିସହ ବନ୍ଦର, ସାମୁଦ୍ରିକ ବ୍ୟାପାର, ସେମିକଣ୍ଡକ୍ଟର ଏବଂ ଯୋଗାଣ ଶୃଙ୍ଖଳରୁ ବିପଦ ହ୍ରାସ କରିବା ପାଇଁ ବ୍ୟାପକ ସହଯୋଗର ସୁଯୋଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଉଭୟ ପକ୍ଷ ପଶ୍ଚିମ ଏସିଆ ସମେତ ବିଶ୍ୱର ଘଟଣାବଳୀ ଉପରେ ନିଜ ନିଜର ମତ ରଖିଥିଲେ।

## ଏଚ୍‌ଏମ୍– ଏମ୍‌ସିଡି ଏନ୍‌ଡିବି ଏମ୍‌ଓୟୁ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଉପସ୍ଥିତିରେ ଆଜି ନୂଆଦିଲ୍ଲୀରେ ଦିଲ୍ଲୀ ମହାନଗର ନିଗମ– ଏମ୍.ସି.ଡି. ଏବଂ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ– ଏନ୍.ଡି.ଡି.ବି. ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଦିଲ୍ଲୀରେ ଗୋବରର ବୈଜ୍ଞାନିକ ଉପଯୋଗ କରି କମ୍ପ୍ରେସଡ୍ ବାୟୋ ଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଏହି ଚୁକ୍ତି ହୋଇଛି। ସହରର ଗୋଶାଳା ଏବଂ ଦୁଗ୍ଧ ଖମାରଗୁଡ଼ିକରୁ ବାହାରୁ ଥିବା ବର୍ଜ୍ୟବସ୍ତୁ ଯେପରି ଯମୁନା ନଦୀକୁ ନ ଯାଏ ତାହାକୁ ରୋକିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ।

# ଫିଫା ୱାର୍ଲଡ କପ୍

ଫିଫା ବିଶ୍ୱ କପ୍ ଫୁଟବଲରେ ଆଜି ଆମେରିକାର ଆଟଲାଣ୍ଟଠାରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଗତଥରର ଚାମ୍ପିଅନ ଆର୍ଜେଣ୍ଟିନା ଏବଂ ଇଂଲଣ୍ଡ ପରସ୍ପରକୁ ଭେଟିବେ । ଏହି ମ୍ୟାଚ୍ ଭାରତୀୟ ସମୟ ରାତି ସାଢ଼େ ୧୨ଟା ସମୟରେ ଆରମ୍ଭ ହେବ । ଗତକାଲି ଟେକ୍ସାସ୍‌ଠାରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ସ୍ପେନ୍ ୨—୦ ଗୋଲ୍‌ରେ ଫ୍ରାନ୍ସକୁ ହରାଇ ଫାଇନାଲରେ ପ୍ରବେଶ କରିଛି । ଆଜି ମ୍ୟାଚ୍‌ର ବିଜେତା  ଆସନ୍ତା ୨୦ ତାରିଖରେ ନ୍ୟୁୟର୍କର ନ୍ୟୁଜର୍ସି ଷ୍ଟାଡିୟମରେ ଫିଫା ବିଶ୍ୱକପ୍ ଫାଇନାଲରେ ସ୍ପେନ୍‌କୁ ଭେଟିବ ।